**Manthana, Bhubaneswar, Sep 08 2012**

# ଟିସିଏସ ଆଇଟି କ୍ୱିଜରେ ୟୁନିଟ ୮ ଡିଏଭି ସ୍କୁଲ ଚମ୍ପିଆନ



ଭୁବନେଶ୍ୱର: ଟାଟା କନସଲଟାନ୍ସୀ ସର୍ଭିସ (ଟିସିଏସ୍) ପକ୍ଷରୁ ଆୟୋଜିତ ଓ ପରିଚାଳିତ ଟିସିଏସ୍ ଆଇଟି କ୍ୱିଜ ପ୍ରତି ଛାତ୍ରଛାତ୍ରୀଙ୍କ ବିପୁଳ ଉତ୍ସାହ ପ୍ରକାଶ ପାଇଥିଲା । ସ୍ଥାନୀୟ ଜୟଦେବ ବିହାରସ୍ଥିତ ହୋଟେଲ ପାଲ ହାଇଟସରେ ଆଜି ଆୟୋଜିତ ଦଶମ ଅନ୍ୟତମ ଶ୍ରେଷ୍ଠ ଆନ୍ତଃସ୍କୁଲ କ୍ୱିଜ ଟିସିଏସ୍ ଆଇଟି କ୍ୱିଜ ଭୁବନେଶ୍ୱର ସଂସ୍କରଣ କାର୍ଯ୍ୟକ୍ରମରେ ସ୍ଥାନୀୟ ଅନେକ ବିଦ୍ୟାଳୟର ମୋଟ ୧୩୦୦ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ପ୍ରାଥମିକ ପର୍ଯ୍ୟାୟ ଓ କଷ୍ଟକର ଚୂଡ଼ାନ୍ତ ପର୍ଯ୍ୟାୟରେ ୟୁନିଟ ୮ ଡିଏଭି ପବ୍ଲିକ ବିଦ୍ୟାଳୟର ଅନୁଷ କୁମାର ସିନହା ଓ ସମୀର ଶେଖର ପାତ୍ର ବିଜେତା ହୋଇ ପୁରସ୍କାର ବାବଦକୁ ଟ୍ରଫି, ଗାଗାବ୍ରି ନୋଟ ପୁରସ୍କାର ଲାଭ କରିଥିଲେ । ସେହିପରି ବିଜେବି ଜନିଷ୍ଠ ମହାବିଦ୍ୟାଳୟର ଅଭିନାଶ ପଲାଇ ଓ କୁମାର ଶୈଳେଶ ମିଶ୍ର ରନର୍ସ ଅପ ହୋଇ ଟ୍ରଫି ସହ ଗଗନନ୍ଦି ଟ୍ୟାବ୍ ପାଇଥିଲେ । ମୁଖ୍ୟ ଅତିଥି ମଧୁସୂଦନ ପାଢ଼ୀ, କମିଶନର ସଚିବ, ସୂଚନା ଓ ପ୍ରଯୁକ୍ତି ବିଭାଗ ଓଡ଼ିଶା ସରକାର ଏବଂ ଟିସିଏସ୍ ଭୁବନେଶ୍ୱର ମୁଖ୍ୟ ମନୋଜ କୁମାର ପଣ୍ଡାଙ୍କ ସହ ବିଜେତାଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ଚଳିତ ବର୍ଷର ଟିସିଏସ୍ ଆଇଟି କ୍ୱିଜ୍ ୨୦୧୨ର ମୁଖ୍ୟ ଆକର୍ଷଣ ହେଉଛି କ୍ୱିଜ ମାଷ୍ଟର ପିକବ୍ରେନ ଓ ତାଙ୍କ ସାଥୀଙ୍କ ଦ୍ୱାରା ସ୍ୱତନ୍ତ୍ର ଭାବେ ନିର୍ମାଣ କରାଯାଇଥିବା ଆନିମେସନ ଥିବା ସଂସ୍କରଣ ଯାହାକି ଦର୍ଶକଙ୍କୁ ଅଧିକ ଆକର୍ଷଣ କରିବ । ଚଳିତ ବର୍ଷର ଆଂଚଳିକ ପ୍ରତିଯୋଗୀତା ଏହି ନୂତନ ସଂସ୍କରଣ ଦ୍ୱାରା ପରିଚାଳିତ ହୋଇପାରିଥିଲା । ଚଳିତ ବର୍ଷ ଆଗ୍ନି ନର୍ଡସ, ବିଟିଏ, ଆଟ ଟିସିଏସ, ମ୍ୟାକ୍ ପେନ୍, ବୋତଲ,କାଟ ଭଳି ଆକର୍ଷଣୀୟ ପର୍ଯ୍ୟାୟରେ ପ୍ରତିଯୋଗୀତା ଆୟୋଜିତ ହୋଇଥିଲା । ଚୂଡ଼ାନ୍ତ ପର୍ଯ୍ୟାୟକୁ ଉନ୍ନୀତ ହୋଇଥିବା ୬ଟି ଦଳ ମଧ୍ୟ ଲ୍ୟାପଟପ୍ ବ୍ୟାଗ, ପେନ ଡ୍ରାଇଭ, କପି ମଗ, ଇୟରଫୋନ, ଦୂରବିକ୍ଷଣଯନ୍ତ୍ର, ଟି ସାର୍ଟ ଆଦି ପୁରସ୍କାର ଲାଭ କରିଥିଲେ । ସେହିପରି ସଠିକ ଉତ୍ତର ପ୍ରଦାନ କରିଥିବା ଦର୍ଶକଙ୍କୁ ମଧ୍ୟ କଫିମଗ, ପେନ ଡ୍ରାଇଭ, ଟି-ସାର୍ଟ ଆଦି ପୁରସ୍କାର ଆକାରରେ ପ୍ରଦାନ କରାଯାଇଥିଲା । ଟିସିଏସ୍ ଆଇଟି କ୍ୱିଜ ୨୦୧୨ର ଆଂଚଳିକ ପର୍ଯ୍ୟାୟ ଦେଶର ୧୪ଟି ସହରରେ ଆୟୋଜିତ ହୋଇଛି । ଏହି ସହରଗୁଡ଼ିକ ହେଲା ଭୁବନେଶ୍ୱର, ଅହମ୍ମଦାବାଦ, ବାଙ୍ଗାଲୋର, ନାଗପୁର, ଇନ୍ଦୋର, ଚେନ୍ନାଇ, କୋଏମ୍ବାଟୋର, ପୁନେ, କୋଲକାତା, ହାଇଦ୍ରାବାଦ, କୋଚି, ଲକ୍ଷ୍ନୌ, ଦିଲ୍ଲୀ ଓ ମୁମ୍ବାଇ । ଆଂଚଳିକ ପର୍ଯ୍ୟାୟ ପରେ ଡିସେମ୍ବର ମାସରେ ଜାତୀୟ ଚୂଡ଼ାନ୍ତ ପର୍ଯ୍ୟାୟ ରାଉଣ୍ଡ ଅନୁଷ୍ଠିତ ହେବ । ଏଥିରେ ୧୪ଟି ଆଂଚଳିକ ରାଉଣ୍ଡର ବିଜେତା ଓ ୟୁନାଇଟେଡ ଆରବ ଏମିରେଟ୍ସ ସଂସ୍କରଣର ବିଜେତା ଅଂଶଗ୍ରହଣ କରିବେ । ଏହି ୧୪ଟି ସହରର ବିଜେତା ଜାତୀୟ ଚୂଡ଼ାନ୍ତ ପର୍ଯ୍ୟାୟ ଅବସରରେ ଟିସିଏସ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଏନ.ଚନ୍ଦ୍ରଶେଖରନଙ୍କ ସହ ସାକ୍ଷାତ ଓ ରାତ୍ରି ଭୋଜନ କରିବାର ସୁଯୋଗ ପାଇବେ । ଟିସିଏସ୍ ଆଇଟି କ୍ୱିଜରେ ୮ମରୁ ୧୨ଶ ଶ୍ରେଣୀ ମଧ୍ୟରେ ପଢୁଥିବା ସମସ୍ତ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିପାରିବେ । ଏଥିପାଇଁ କୌଣସି ପ୍ରବେଶିକା ଦେୟ ନାହିଁ । ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ୨ଜଣିଆ ଦଳ ହିସାବରେ ବିଦ୍ୟାଳୟଗୁଡ଼ିକ ଏକାଧିକ ଦଳ ପଠାଇପାରିବେ ।